## ଓଡ଼ିଶା ସରକାର
## ପର୍ଯ୍ୟଟନ କାର୍ଯ୍ୟାଳୟ, ଭୁବନେଶ୍ୱର

ପତ୍ର ସଂ........୪......./ ଡ଼ି.ଡ଼ି.ସି,     ଭୁବନେଶ୍ୱର,   ତା.୧.୦୫.୨୦୧୮

## ବିଜ୍ଞାପନ

ଧଉଳି ସ୍ଥିତ ପାରୋବୋଧି ପୁଷ୍କରଣୀ ଠାରେ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ନୂତନଭାବେ ନିର୍ମିତ ହୋଇଥିବା ଦୋକାନ ଗୃହଗୁଡ଼ିକୁ ଆବଣ୍ଟନ ନିମନ୍ତେ ଧଉଳି ଉନ୍ନୟନ ସମିତି ତରଫରୁ ଦରଖାସ୍ତ/ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଏ ସମ୍ବନ୍ଧିୟ ବିଷଦ ବିବରଣୀ ଓ ଦରଖାସ୍ତ ପତ୍ର ପର୍ଯ୍ୟଟନ ବିଭାଗର ୱେବସାଇଟ www.odishatourism.gov.in ରେ ଉପଲବ୍ଧ ଅଛି । ଆବେଦନକାରୀ ୦୫.୦୫.୨୦୧୮ ଠାରୁ ୧୫.୦୫.୨୦୧୮ ମଧ୍ୟରେ ଭୁବନେଶ୍ୱର ପର୍ଯ୍ୟଟନ କାର୍ଯ୍ୟାଳୟ, ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ଼ ଠାରେ ଫର୍ମ ପାଇପାରିବେ । ଆବେଦନ କରିବାର ଶେଷ ତାରିଖ ତା ୧୫.୦୫.୨୦୧୮ (ଅପରାହ୍ନ ୩ଟା) ରଖାଯାଇଛି ।

ପର୍ଯ୍ୟଟନ ଅଧିକାରୀ ତଥା ସମ୍ପାଦକ ଡ଼ି.ଡ଼ି.ସି
ପର୍ଯ୍ୟଟନ କାର୍ଯ୍ୟାଳୟ, ପର୍ଯ୍ୟଟନ ଭବନ
ଭୁବନେଶ୍ୱର

## ଧଉଳୀ ସ୍ଥିତ ପାରୋବୋଧି ପୁଷ୍କରଣୀ ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ନୂତନଭାବେ ନିର୍ମିତ ହୋଇଥିବା ଦୋକାନ ଗୃହ/ ଘର ଆବଣ୍ଟନ ଲାଗି ଧଉଳୀ ଉନ୍ନୟନ ସମିତି ତରଫରୁ ଦରଖାସ୍ତ/ ଆବେଦନ

| | | |
|---|---|---|
| ୧. | ଆବେଦନକାରୀଙ୍କ ନାମ | |
| ୨. | ପିତା/ ସ୍ୱାମୀଙ୍କ ନାମ | |
| ୩. | ସ୍ଥାୟୀ ଠିକଣା | |
| ୪. | ବର୍ତ୍ତମାନ ଯୋଗାଯୋଗ ନିମନ୍ତେ ଠିକଣା ଏବଂ ମୋବାଇଲ ନମ୍ବର | |
| ୫. | ଶିକ୍ଷା ଓ ବୃତ୍ତିଗତ ଯୋଗ୍ୟତା/ ଅଭିଜ୍ଞତା | |
| ୬. | କେଉଁ ପ୍ରକାର ବ୍ୟବସାୟ ପାଇଁ ଉତ୍ସୁକ/ ଆଗ୍ରହୀ ଓ ତହିଁର ସଂକ୍ଷିପ୍ତ ବିବରଣୀ | |
| ୭. | କେତେ ପରିମାଣର ପୁଞ୍ଜି ବିନିଯୋଗ କରିବେ ତହିଁର ଆନୁମାନିକ ଅଟକଳ | |
| ୮. | ଅଗ୍ରୀମ ଦେୟ ବାବଦ ଅର୍ଥରାଶି ସହିତ ବ୍ୟାଙ୍କ ଡ୍ରାଫ୍ଟ ନମ୍ବର ଓ ତାରିଖ | |
| ୯. | ଆବଣ୍ଟନ ଜରିଆରେ ପ୍ରଦତ୍ତ ଦୋକାନ ଗୃହକୁ ନେବା ଲାଗି ଉତ୍ସୁକ କିମ୍ବା ନୁହେଁ ନିଜର ମତାମତ (ହଁ/ ନାହିଁ) | |
| ୧୦. | ଦୋକାନ ଗୃହ ଆବଣ୍ଟନ ପାଇଁ ଆବଶ୍ୟକୀୟ ନିୟମ ଓ ସର୍ତ୍ତାବଳୀର ବିଧିପୂର୍ବକ ପାଳନ ସ୍ୱୀକାର୍ଯ୍ୟ ସମ୍ବନ୍ଧେ ନିଜସ୍ୱ ମତାମତ (ହଁ/ ନାହିଁ) | |

**ସ୍ଥାନ :**

**ତାରିଖ :** **ଆବେଦନକାରୀଙ୍କ ସ୍ୱାକ୍ଷର ଓ ତାରିଖ**

# ଆବେଦନର ନିୟମାବଳୀ

୧. ଜଣେ ବ୍ୟକ୍ତି/ ଅନୁଷ୍ଠାନ କେବଳ ଗୋଟିଏ ମାତ୍ର ଦୋକାନଗୃହ ପାଇଁ ଆବେଦନ/ ଦରଖାସ୍ତ କରିପାରିବେ ।

୨. ପ୍ରତ୍ୟେକ ଦୋକାନ ଗୃହ ପାଇଁ ଟ.୧୦୦୦/- ମାସିକ ଭଡ଼ା ଦେୟ ସହିତ ଟ.୧୦,୦୦୦/- ମାତ୍ରା ଅମାନତ ଜମାରାଶି ପାଇଁ ବଇନା ବାଞ୍ଛନୀୟ । ଅମାନତ ଜମାରାଶି ପାଇଁ କୌଣସି ସୁଧ ମିଳିବ ନାହିଁ ।

୩. ଦୋକାନ ଗୃହ ଆବଣ୍ଟନ ସମ୍ବନ୍ଧୀୟ ଆବଶ୍ୟକୀୟ ଚୁକ୍ତି ଅବା ବୁଝାମଣା ପତ୍ର ସ୍ୱାକ୍ଷରିତ କରିବା ବିଧେୟ ।

୪. ଦୁଇପକ୍ଷ ମାଧ୍ୟମରେ କରାଯାଇଥିବା ଉକ୍ତ ଚୁକ୍ତିପତ୍ରର ଅବଧି ଏକବର୍ଷ ଲାଗି ନିର୍ଦ୍ଧାରିତ । ମାତ୍ର ଆପୋଷ ବୁଝାମଣା ତଥା ଉଭୟ ପକ୍ଷଙ୍କ ସମ୍ମତି ଭିତ୍ତିରେ ଏହି ଚୁକ୍ତିର ଅବଧି ପୁନଶ୍ଚ ବୃଦ୍ଧି କରାଯାଇ ପାରିବ ।

୫. ଆବଣ୍ଟିତ ଦୋକାନ ଗୃହଟିକୁ କୌଣସି ତୃତୀୟ ପକ୍ଷଙ୍କୁ ବିନା ଅନୁମତିରେ ହସ୍ତାନ୍ତର କରିବା ବିଧେୟ ନୁହେଁ ।

୬. ଆବଣ୍ଟିତ ଦୋକାନ ଗୃହରେ କୌଣସି ଅବକାରୀ/ ନିଶାଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ ଏବଂ ଏହାକୁ କୌଣସି ଅନୈତିକ କାର୍ଯ୍ୟରେ ଲଗାଇପାରିବେ ନାହିଁ ।

୭. ବ୍ୟବସାୟ ପାଇଁ ଆବଣ୍ଟନ ସୂତ୍ରରେ ପାଇଥିବା ଦୋକାନ ଗୃହକୁ ଆବଶ୍ୟକୀୟ ବିଜୁଳି/ ବୈଦ୍ୟୁତିକ ସଂଯୋଗ ଓ ସାଜସଜ୍ଜା କରିବା ପାଇଁ ନିଜସ୍ୱ ସମ୍ବଳ ବିନିଯୋଗ ମାଧ୍ୟମରେ କରିପାରିବେ ।

୮. ପ୍ରତିମାସ ୧୦ ତାରିଖ ମଧ୍ୟରେ ସେହିମାସର ଦେୟ ପୈଠ କରିବେ । ଦେୟ ପ୍ରଦାନରେ ବିଳମ୍ବ ହେଲେ ଚୁକ୍ତିପତ୍ର ରଦ୍ଦ ହେବ ଏବଂ ଦୋକାନରୁ ଉଚ୍ଛେଦ କରାଯିବ ।

୯. ସର୍ବସାଧାରଣଙ୍କ ଉନ୍ନତି ନିମନ୍ତେ ଦରକାର ହେଲେ ଓ ଆବଶ୍ୟକ ସ୍ଥଳେ ଉକ୍ତ ଚୁକ୍ତିରେ ପରିବର୍ତ୍ତନ କରାଯାଇପାରିବ ।

୧୦. ନିଜର ଦୋକାନ ଗୃହର ସୁରକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ପାଇଁ ଚୁକ୍ତି ଅନୁଯାୟୀ ପରିବର୍ତ୍ତିତ ଓ ପରିମାର୍ଜିତ କରିବା ଆବଶ୍ୟକୀୟ ।

୧୧. ଧଉଳୀ ଉନ୍ନୟନ ସମିତି ଦ୍ୱାରା ସମ୍ପାଦିତ ଚୁକ୍ତିପତ୍ର ଆଧାରରେ ସ୍ୱତନ୍ତ୍ର ବିଷୟ ଧ୍ୟାନରେ ରଖି ଆବଶ୍ୟକୀୟ ପଦକ୍ଷେପ ନେବେ ନଚେତ୍ ଆବଣ୍ଟନ ଦୋକାନ ଗୃହକୁ ବିନା ସୂଚନାରେ ବେଦଖଲ ଓ ଉଚ୍ଛେଦ କରାଯାଇପାରେ ।

୧୨. ଆବେଦନକାରୀ ଉକ୍ତ ଫର୍ମଟିକୁ ଶୁଦ୍ଧ ଓ ସୁନ୍ଦର ଅକ୍ଷରରେ କିମ୍ବା ଡ଼ି.ଟି.ପି କରି ପୂର୍ଣ୍ଣାଙ୍ଗରୂପେ ପୂରଣକରି ଆବେଦନ କରିବାକୁ ନିବେଦନ, ଏଥିରେ କୌଣସି ବ୍ୟତିକ୍ରମ କିମ୍ବା ଅପୂରଣ ଥିଲେ ଦରଖାସ୍ତଟିକୁ ନାକଚ କରିଦିଆଯାଇପାରେ ।

(signature)

ସମ୍ପାଦକ

**ଧଉଳୀ ଉନ୍ନୟନ ସମିତି**